# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 01st March - 2025

***********************************

## ମୁଖ୍ୟ ସମ୍ବାଦ

- ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ପୁଞ୍ଜିନିବେଶ ଉପରେ ଦେଉଛନ୍ତି ଗୁରୁତ୍ୱ ।

— ମୟୂରଭଞ୍ଜ ଜିଲ୍ଲାର ନୃତ୍ୟକଳା ଓ ସଙ୍ଗୀତ ଓଡ଼ିଶାକୁ ସମୃଦ୍ଧ କରିଛି; କହିଲେ ମୁଖ୍ୟମନ୍ତ୍ରୀ ।

- ଖୋର୍ଦ୍ଧା, ପୁରୀ, କଟକ ସହରକୁ ନେଇ ଏକ ମହାନଗରୀର ପରିକଳ୍ପନା କରୁଛନ୍ତି କେନ୍ଦ୍ର ସରକାର ।

- ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ମୁମ୍ବାଇକୁ ଆଜିଠାରୁ ଆରମ୍ଭ ହେଲା ଦୈନିକ ବିମାନସେବା ।

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ଟିଟିଲାଗଡ଼ ଓ ଝାରସୁଗୁଡ଼ାର ତାପମାତ୍ରା ୩୮ ଡିଗ୍ରୀ ଊର୍ଦ୍ଧ୍ୱରେ ।

# ମୁଖ୍ୟମନ୍ତ୍ରୀ - ଉଦଳା

ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦେଇ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍‌ର ପାଟପୁର ଅଞ୍ଚଳରେ ଆୟୋଜିତ 'ବିକଶିତ ପଥେ ମୟୂରଭଞ୍ଜ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ ୧୦୦ କୋଟି ଟଙ୍କା ବ୍ୟୟରେ ୫୨ଟି ପ୍ରକଳ୍ପର ଉଦ୍‌ଘାଟନ ସହ ୨୭୫ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ୧୦୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର, ଜଳାଶୟଗୁଡ଼ିକର ଉନ୍ନତୀକରଣ, ଜନସେବା କେନ୍ଦ୍ର ଓ ସମବାୟ ସଂସ୍ଥା ଆଦି ରହିଛି । ଏହାସହ ସ୍ଥାନୀୟ ଅଞ୍ଚଳରେ ଆଦିବାସୀ ସଂସ୍କୃତିର ସଂରକ୍ଷଣ ଓ ବାଥୁଡ଼ି ସମ୍ପ୍ରଦାୟପାଇଁ ଏକ ଗୋଷ୍ଠୀକେନ୍ଦ୍ରର ଶିଳାନ୍ୟାସ କରାଯାଇଛି । କଳାକ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ମରଣକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ନୃତ୍ୟକଳା ଓ ସଙ୍ଗୀତରେ ଓଡ଼ିଶା ମାଟିକୁ ସମୃଦ୍ଧ କରିଛି । ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତଙ୍କ ଭାଗିଦାରୀକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାରେ ପ୍ରତ୍ୟେକ

ପରିବାରକୁ ପକ୍କାଘର ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

***Puri/R***

# ବଜେଟ୍ - ପୁରୀ

ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷ କେନ୍ଦ୍ର ବଜେଟ୍‌ରେ ପୁରୀକୁ ମିଳିଥିବା ଅନୁଦାନକୁ ନେଇ ଆଜି ପୁରୀଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ପୁରୀ ସାଂସଦ ସମ୍ବିତ୍ ପାତ୍ର ଯୋଗ ଦେଇଥିଲେ । ଖୋର୍ଦ୍ଧା, ପୁରୀ, କଟକ ସହରକୁ ନେଇ ଏକ ମହାନଗରୀ ପରିକଳ୍ପନା କରାଯାଉଛି । ଜଗନ୍ନାଥ ଦର୍ଶନ ଯୋଜନା ଅଧୀନରେ ସଦର ମହକୁମାରେ ଲୋକଙ୍କୁ ଜଗନ୍ନାଥ ଦର୍ଶନ କରାଇବା ସହ ମହାପ୍ରସାଦ ସେବନପାଇଁ ୩୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ବକୁଳବନ ଉନ୍ନୟନ ଯୋଜନାରେ ବକୁଳବନ ଉନ୍ନତୀକରଣ ପାଇଁ ମଧ୍ୟ ବଜେଟ୍‌ରେ ପ୍ରାବଧାନ ରହିଛି । ପୁରୀବାସୀ ସମସ୍ତେ ଉପକୃତ ହୋଇପାରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି :

***Voice :.........***

*Desk*

# କଳିକା ପଲିସି

ରାଜ୍ୟରେ ପ୍ରଥମ ଥରପାଇଁ ଶିଶୁ ଯତ୍ନ କେନ୍ଦ୍ର – କ୍ରେଚ୍ କଳିକା ପଲିସି ଆରମ୍ଭ ହେବ । ରାଜ୍ୟର ସମସ୍ତ ସରକାରୀ, ବେସରକାରୀ କ୍ରେଚ୍ ଏହି ପଲିସି ଆଧାରରେ ପରିଚାଳିତ ହେବ । କର୍ମଜୀବୀ ମହିଳାଙ୍କୁ ସହଯୋଗ କରିବା, ଶିଶୁ ସୁରକ୍ଷା ଏବଂ ବିକାଶକୁ ସୁନିଶ୍ଚିତ କରିବା, ଅର୍ଥନୀତିରେ ମହିଳାଙ୍କ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଏବଂ ଶିଶୁଙ୍କ ପ୍ରାଥମିକ ଶିକ୍ଷାକୁ ସହଜ କରିବା ଏହି ନୀତିର ମୂଳ ଉଦ୍ଦେଶ୍ୟ । ଏହାଦ୍ୱାରା ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଲାଳନ ପାଳନ ବ୍ୟବସ୍ଥା ସୁଚାରୁ ରୂପେ କରାଯାଇପାରିବ । ସୂଚନାଯୋଗ୍ୟ, ପ୍ରାଥମିକ ପର୍ଯ୍ୟାୟରେ ଲୋକସେବା ଭବନ ପରିସରରେ ଏକ କ୍ରେଚ୍ ସେବା ଆରମ୍ଭ ହୋଇଛି ।

*Sonepur/R*

# ରାଜସ୍ୱ ସମୀକ୍ଷା ବୈଠକ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଜମିପଟ୍ଟା ସୁନିଶ୍ଚିତ କରିବା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜମି ଓ ଖେଳପଡ଼ିଆ

ଯୋଗାଇଦେବା ସହିତ ହାଇଟେକ୍ ସର୍ଭେର ଅଗ୍ରଗତି ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା କରିଛନ୍ତି । ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟର ଅଗ୍ରଗତି ସହ ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଓ ଜମିଜମା ସମସ୍ୟାଗୁଡ଼ିକର ସମାଧାନପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ବୈଠକରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରି ସିଂହଦେଓ, ବିଧାୟକ ରଘୁନାଥ ଜଗଦଲା ଓ ଜିଲ୍ଲାପାଳ ଅନ୍ୟା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

***Baragarh, Ganjam/R***

## ନିଯୁକ୍ତିମେଳା

ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ବରଗଡ଼ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆସନ୍ତା ୧୨ ତାରିଖ ଦିନ ପାଣି ପଞ୍ଚାୟତ ଭବନରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳର ଯୁବକ ଯୁବତୀ ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ । ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ନିଯୁକ୍ତିଦାତା ଓ ଦକ୍ଷତା ବୃଦ୍ଧି ପ୍ରଶିକ୍ଷକମାନେ ଏହି ମେଳାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ସେହିପରି ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଖେଳପଡ଼ିଆରେ ଆସନ୍ତା ୨୧ ତାରିଖ ଦିନ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ରାଜ୍ୟ ଦକ୍ଷତା ବିକାଶ ଓ ଜିଲ୍ଲା ବୈଷୟିକ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା

ଏହି ମେଳାରେ ଜିଲ୍ଲାର ବହୁ ସଂଖ୍ୟକ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ । ନିଯୁକ୍ତି ମେଳାରେ ୬୦ରୁ ଊର୍ଦ୍ଧ୍ୱ କର୍ମସଂସ୍ଥାନ ଯୋଗ ଦେବେ ।

***Deogarh/R***

## ୱାଟରଶେଡ୍ ଯାତ୍ରା

ଦେବଗଡ଼ ଜିଲ୍ଲା ବାରକୋଟ୍ ବ୍ଲକ୍ ସ୍କୁଲ୍ ପଡ଼ିଆଠାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ୱାଟର୍‌ଶେଡ୍ ଯାତ୍ରାର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳ ବିଭାଜିକାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବୃକ୍ଷରୋପଣ, ଶ୍ରମଦାନ, ଶେଷ ହୋଇଥିବା ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ୱାଟରଶେଡ୍ ମାର୍ଗଦର୍ଶକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ । ଏହି ଅବସରରେ ୱାଟରଶେଡ୍ ଯାତ୍ରାର ବାର୍ତ୍ତା ବହନ କରିଆସୁଥିବା ସଚେତନତା ରଥରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା ।

*Gajapati/R*

# ଗ୍ରୀଷ୍ମପ୍ରବାହ - ପ୍ରସ୍ତୁତି ବୈଠକ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହଜନିତ ସ୍ଥିତିର ମୁକାବିଲାପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାର୍ଚ୍ଚରୁ ମଇ ମାସ ମଧ୍ୟରେ ଅଂଶୁଘାତ ନିୟନ୍ତ୍ରଣପାଇଁ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ବୈଠକରେ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆବଶ୍ୟକ ପରିମାଣର ଓ.ଆର୍.ଏସ୍., ଔଷଧ ମହଜୁଦ ରଖିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ଖୋଲିବା, ରୋଗୀଙ୍କପାଇଁ ଆଶୁଚିକିତ୍ସା ବ୍ୟବସ୍ଥା ସହିତ ଅନ୍ୟ ବ୍ୟବସ୍ଥାଗୁଡ଼ିକର ସଠିକ ପରିଚାଳନା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ଗ୍ରାମାଞ୍ଚଳ, ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ଏନ୍.ଏ.ସି. ଓ ସମସ୍ତ ବ୍ଲକ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

*Nayagarh/R*

# ପଞ୍ଚାୟତ ସମିତି ବୈଠକ

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ସଭାଗୃହରେ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି

ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, କୃଷି, ଗମନାଗମନ, ଜଳଯୋଗାଣ ସହ ବହୁ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା ।

*Nabarangpur/R*

# ଅପରାଧ ଅନୁସନ୍ଧାନ ୟୁନିଟ୍

ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ୯୯ ଲକ୍ଷ ଟଙ୍କା ବ୍ୟୟରେ ମହିଳା ବିରୋଧୀ ଅପରାଧ ଅନୁସନ୍ଧାନ ୟୁନିଟ୍ର ନବନିର୍ମିତ କୋଠା ଆଜି ଉଦ୍‌ଘାଟିତ ହୋଇଛି । ଦକ୍ଷିଣ-ପଶ୍ଚିମାଞ୍ଚଳ ଆଇ.ଜି. ନୀତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ୨୦୧୬ରୁ ଜିଲ୍ଲାରେ ଏହି ୟୁନିଟ୍ କାର୍ଯ୍ୟକ୍ଷମ ଥିବାବେଳେ ବର୍ତ୍ତମାନ ଏହି ୟୁନିଟ୍ ସ୍ୱତନ୍ତ୍ର ଭାବେ ନିଯୁକ୍ତ ଅଧିକାରୀଙ୍କ ସହାୟତାରେ କାର୍ଯ୍ୟ କରିବ । ଜିଲ୍ଲାରେ ମହିଳାମାନଙ୍କ ବିରୋଧରେ ହେଉଥିବା ଅପରାଧ ନିୟନ୍ତ୍ରଣପାଇଁ ଏହି ୟୁନିଟ୍ କାର୍ଯ୍ୟ କରିବ ବୋଲି ଆଇ.ଜି. ଶ୍ରୀ କୁମାର ସୂଚନା ଦେଇଛନ୍ତି ।

***Jharsuguda/R***

## ବିମାନ ଉଡ଼ାଣ

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ମୁମ୍ବାଇକୁ ବିମାନ ସେବା ଆଜିଠାରୁ ଆରମ୍ଭ ହୋଇଛି । ଇଣ୍ଡିଗୋ ଏୟାର ଲାଇନ୍ସ ଏହି ସେବା ଯୋଗାଇ ଦେଇଛି । ୨୩୨ ସିଟ୍ ବିଶିଷ୍ଟ ଏହି ବିମାନ ପ୍ରତିଦିନ ଚଳାଚଳ କରିବ । ଏହା ଅପରାହ୍ଣ ଗୋଟାଏରୁ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବ ଏବଂ ଅପରାହ୍ଣ ୨ଟାରେ ମୁମ୍ବାଇ ଅଭିମୁଖେ ଉଡ଼ାଣ କରିବ । ଆଜି ପ୍ରଥମ ଦିନରେ ଉଭୟ ବିମାନବନ୍ଦରୁ ୯୦ ଜଣ ଲେଖାଏଁ ଯାତ୍ରୀ ଯାତ୍ରା କରିଛନ୍ତି । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

***HS***

## ଯୁବ ସମ୍ମିଳନୀ

ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆସନ୍ତାକାଲି ଯୁବ ସମ୍ମିଳନୀ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

*Malkangiri, Kendrapara/R*

## ଏଥର କିଛି ସମ୍ବାଦ ସଂକ୍ଷେପରେ....

- ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଆଜି ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା ।
- କେନ୍ଦ୍ରାପଡ଼ା ସଂସ୍କୃତି ଭବନ ପରିସରରେ କ୍ରେଡିଟ୍ ଆଉଟ୍‌ରିଚ୍ ଓ ଆର୍ଥିକ ସାକ୍ଷରତାକୁ ନେଇ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି ।
- କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟବେକ୍ଷଣ କମିଟି - ଦିଶାର ବୈଠକ ଅନୁଷ୍ଠିତ ହୋଇଯାଇଛି ।

*Met. O.*

## ପାଣିପାଗ

ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରାତି ତାପମାତ୍ରା ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ,

ଚଳିତ ବର୍ଷର ଗ୍ରୀଷ୍ମଋତୁରେ ସର୍ବାଧିକ ତାପମାତ୍ରା ଟିଟିଲାଗଡ଼ରେ ୩୮ ଦଶମିକ ୫ ଡିଗ୍ରୀ ରେକର୍ଡ କରାଯାଇଛି । ଝାରସୁଗୁଡ଼ାର ତାପମାତ୍ରା ୩୮ ଦଶମିକ ୨ ଡିଗ୍ରୀ ଥିବାବେଳେ ବଲାଙ୍ଗିରରେ ତାପମାତ୍ରା ୩୮ ଡିଗ୍ରୀ ଛୁଇଁଛି । ରାଜ୍ୟର ୨୦ଟି ସହରର ତାପମାତ୍ରା ୩୫ ଡିଗ୍ରୀ ଉର୍ଦ୍ଧ୍ୱରେ ଥିବା ଜଣାପଡ଼ିଛି । ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭବନା ନାହିଁ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

ଅନ୍ୟପକ୍ଷରେ ବିଗତ ୧୨୪ ବର୍ଷ ମଧ୍ୟରେ ଦେଶରେ ଚଳିତବର୍ଷର ଫେବୃୟାରୀ ମାସ ସବୁଠାରୁ ଉତ୍ତପ୍ତ ଫେବୃୟାରୀ ମାସ ଭାବେ ପରିଗଣିତ ହୋଇଛି। ଚଳିତବର୍ଷର ଫେବୃୟାରୀ ମାସର ହାରାହାରି ତାପମାତ୍ରା ୨୨ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ଦେଶରେ ହାରାହାରି ସର୍ବନିମ୍ନ ତାପମାତ୍ରା ଗତ ଫେବୃୟାରୀ ମାସରେ ୧୫ ଡିଗ୍ରୀ ସେଲସିୟସ୍ ଥିଲା।

*****